# OFFICE OF THE TAHASILDAR, PAIKMAL, DIST.- BARGARH

Letter No. 1284 Date. 22/07/2020

**To**

**The District Information Officer,**
**Bargarh**

Sub: - Uploading of Notice for Sairat Sources of Paikmal Tahasil.

Sir,

In inviting a reference to the subject cited above, I am to enclose herewith a copy of advertisement notice for lease out sairat sources of Paikmal Tahasil and to request you to kindly upload the same in District Website, Bargarh.

This is for favour of your kind information and necessary action.

Yours faithfully,

**Encl:-** As above

22.7.2020
Tahasildar, Paikmal
Tahasildar
Paikmal

Scanned by CamScanner

# ତହସିଲ କାର୍ଯ୍ୟାଳୟ, ପାଇକମାଲ, ଜି. ବରଗଡ଼

**ବିଜ୍ଞାପନ ସଂଖ୍ୟା. ୧୨୮୦ ତାରିଖ ୨୨/୦୭/୨୦୨୦**

## (ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି କାର୍ଯ୍ୟାଳୟର ବିଜ୍ଞାପନ ସଂଖ୍ୟା. 1145 ତାରିଖ 29.06.2020 ରେ ଜାରି କରାଯାଇଥିବା ପାଇକମାଲ ତହସିଲ ଅନ୍ତର୍ଗତ 3 (ତିନି ଗୋଟି) ଲଘୁ ଖଣିଜ ଉତ୍ସଗୁଡିକର OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଦ୍ୱିତୀୟ ଥର ପାଇଁ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ରେ ପ୍ରଦତ୍ତ (Form- M) ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତରନକଲ ସଂଲଗ୍ନ କରି ସିଲ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପାଇକମାଲଙ୍କ କାର୍ଯ୍ୟାଳୟ ଠିକଣା ରେ କେବଳ **Speed Post/ Regd. Post** ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା: **31.07.2020** ରିଖ ଦିବା **12:00** ଘଟିକା ସୁଦ୍ଧା ଦରଖାସ୍ତ ଗୁଡିକ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ **3:00** ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଏହାର ସବିଶେଷ ବିବରଣୀ ଜିଲ୍ଲା website (www.bargarh.nic.in) ରେ ଉପଲବ୍ଧ ହେବ। ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖି ପାରିବେ ।

22.7.2020

ତହସିଲଦାର, ପାଇକମାଲ

Tahasildar
Paikmal

Scanned by CamScanner

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ ।
2. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।
3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି, ଦରଖାସ୍ତ କରୁଥିବା ସୈରାତ ଉତ୍ସ ର ବାର୍ଷିକ ମୂଲ୍ୟ {Minimum guarantee quantity x (Royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।
4. Earnest Money ପାଇଁ Demand Draft (in favour of Tahasildar, Paikmal) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ ହୋଇନଥିବ । [EMD = 5% of {Minimum Guaranteed Quantity x (Royalty + Additional Charges}]

22.7.2020

ତହସିଲଦାର, ପାଇକମାଲ

Tahasildar,
Paikmal

Scanned by CamScanner

# ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟ ର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (Royalty + Additional Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।
6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent, Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ରନିଜ ଖର୍ଚ୍ଚରେ ସଂପାଦନ କରିବେ ।

Scanned by CamScanner

7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

8. ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।

11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

13. କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ପରିସର ଭୁକ୍ତ ଅଟେ ।

14. ଯେକୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ ହେବେ ।

15. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା website (www.bargarh.nic.in) ରେ ମଧ୍ୟ ଦେଖିପାରିବେ ।

22-7-2020

ତହସିଲଦାର, ପାଇକମାଲ

Tahasildar
Paikmal

Scanned by CamScanner

ଜ୍ଞାପକ ସଂଖ୍ୟା ୧୨୮୯ / ତାରିଖ ୨୨.୦୭.୨୦୨୦

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ବରଗଡ/ ଉପ-ଜିଲ୍ଲାପାଳ, ପଦ୍ମପୁର/ ବରଗଡ ଜିଲ୍ଲା ଅନ୍ତର୍ଗତ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ/ ବରଗଡ ଜିଲ୍ଲା ଅନ୍ତର୍ଗତ ସମସ୍ତ ତହସିଲ/ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପାଇକମାଲ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ଗ୍ରାମପଞ୍ଚାୟତ ଏବଂ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇକମାଲ ତହସିଲ, ତାଙ୍କର ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

22.7.2020

ତହସିଲଦାର, ପାଇକମାଲ

Tahasildar

Paikmal

Scanned by CamScanner

# ପାଇକମାଲ ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ସାରଣୀ

| କ୍ରମିକ ସଂଖ୍ୟା | ସଇରାତ ମୋକଦ୍ଦମା ନଂ. | ଲଘୁ ଖଣିଜ ଉତ୍ସର ନାମ | ମୌଜା ର ନାମ | ଖାତା ନଂ. | ପ୍ଲଟ ନଂ. | ପୂରା ପ୍ଲଟର ରକବା (ଏକରରେ) | ଜମିର କିସମ | ଆବଣ୍ଟିତ ରକବା | ରୟାଲଟି ଦେୟ ପ୍ରତି ଘନ ମିଟର | ଅତିରିକ୍ତ ଦେୟ ପ୍ରତି ଘନ ମିଟର (In Rs.) | ମୋଟ ଦେୟ ପ୍ରତି ଘନ ମିଟର | ଅନ୍ୟୁନ ଉତ୍ତୋଳନ ପରିମାଣ (MGQ in CuM) | ବାର୍ଷିକ ଦେୟ | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ (Bank Draft) ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (In Rs.) |
|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧ | ୪/୨୦୨୦ | ମଖନାମୁଣ୍ଡା ପଥର ଖାଦାନ (୧) | ମଖନା ମୁଣ୍ଡା | ୧୧୪ | ୧୧୯୬ | ୧୨.୨୫ | ପଥର ବଟାଣ | ୧୨.୨୫ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୯୦୦ CuM | ଟ.୩,୩୩,୨୦୧/- | ଟ.୧୦,୩୫୦/- |
| ୨ | ୫/୨୦୨୦ | ମଖନାମୁଣ୍ଡା ପଥର ଖାଦାନ (୨) | ମଖନା ମୁଣ୍ଡା | ୧୦୪/୧୦୨ | ୮୪୪ | ୨.୪୫ | ମା.ସା. | ୫.୭୫ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୨୫୬୫ CuM | ଟ.୭,୩୨,୯୪୮/- | ଟ.୨୯,୪୯୮/- |
| | | | | | ୮୨୧/୧୫୫୪ | ୦.୯୦ | ଆ.ସା. | | | | | | | |
| | | | | | ୮୨୧ | ୨.୪୦ | ଆ.ସା. | | | | | | | |
| ୩ | ୬/୨୦୨୦ | ମାଣିଆଡିପା ପଥର ଖାଦାନ | ମାଣିଆଡିପା | ୧୭୩ | ୧୩୭୬ | ୦.୮୩ | ମା.ସା. | ୩.୨୩ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୨୫୨୭ CuM | ଟ.୭,୦୩,୩୮୪/- | ଟ.୨୯,୦୬୧/- |
| | | | | | ୧୩୭୭ | ୦.୩୦ | ମା.ସା. | | | | | | | |
| | | | | | ୧୩୭୯ | ୦.୪୦ | ମା.ସା. | | | | | | | |
| | | | | | ୧୩୮୦ | ୦.୧୨ | ମା.ସା. | | | | | | | |
| | | | | ୧୭୪ | ୧୩୬୮ | ୧.୫୮ | ମା.ସା. | | | | | | | |

୨୭.୭.୨୦୨୦
ତହସିଲଦାର, ପାଇକମାଲ
Tahasildar
Paikmal

Scanned by CamScanner